# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**21 May - 2024**

**News Editor : *Tapan Kumar Maharana***

**********************************

## ମୁଖ୍ୟ ସମ୍ବାଦ

- ଚଳିତ ନିର୍ବାଚନ ଓଡ଼ିଶାର ଗୌରବକୁ ପୁର୍ନଜୀବିତ କରିବା ପାଇଁ ବିଜେପି ଚେଷ୍ଟା କରୁଛି କହିଲେ, ଗୃହମନ୍ତ୍ରୀ ଅମିତ ଶାହା
- ରାଜ୍ୟର ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତା ଗୁରୁବାର ଦିନ ଶେଷ ହେଉଛି ପ୍ରଚାର
- ବିଜେଡିରୁ ଇସ୍ତଫା ଦେଇଥିବା ୪ ଜଣ ବିଧାୟକଙ୍କୁ ବିଧାନସଭା ପକ୍ଷରୁ ନୋଟିସ ଜାରି
- ଓଡ଼ିଶା ହାଇକୋର୍ଟର ଗ୍ରୀଷ୍ମକାଳୀନ ଅବକାଶ ଆସନ୍ତାକାଲିଠାରୁ ଜୁନ୍ ୧୭ ପର୍ଯ୍ୟନ୍ତ ରହିବ ।

ଏବଂ

- ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଆସନ୍ତାକାଲି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ସମ୍ଭାବନା

*DHNKL/Nayagarh/Keonjhar*

## ଅମିତ ଶାହାଙ୍କ ନିର୍ବାଚନୀ ପ୍ରଚାର

ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ଓଡ଼ିଶା ଗସ୍ତରେ ଆସି ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ ଏବଂ ନୟାଗଡ଼ ଠାରେ ବିଜେପି ସଂକଳ୍ପ ସମାବେଶରେ ଯୋଗଦେଇ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଛନ୍ତି ।

ଓଡ଼ିଶାରେ ବିଜେପି ସରକାର ଗଠନ କଲେ ଶିଳ୍ପ କରିଡ଼ର ଏବଂ ଆଇ.ଟି. ପାର୍କ ନିର୍ମାଣ କରାଯିବ ବୋଲି ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା କହିଛନ୍ତି । କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀକୁ ଆଜି ଗସ୍ତ କରି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଶ୍ରୀ ସିଂ ପ୍ରଚାର କରିବା ସହ ବିଜେପିର ସଂକଳ୍ପ ସମାବେଶରେ ଉଦ୍‌ବୋଧନ ଦେଇଥିଲେ । ଆଦିବାସୀମାନଙ୍କ ପାଇଁ କେନ୍ଦୁଝର ଓ ସମ୍ବଲପୁରଠାରେ ୫୦୦ ଶଯ୍ୟା ବିଶିଷ୍ଟ ମେଡିକାଲ ନିର୍ମାଣ କରାଯିବ । ଛତିଶଗଡ଼ ଭଳି ଓଡ଼ିଶାରେ ମଧ୍ୟ ଧାନର କୁଇଣ୍ଟାଲ ପିଛା ଦର ୩ ହଜାର ୧୦୦ ଟଙ୍କା କରାଯିବ ବୋଲି ଶ୍ରୀ ଶାହା କହିଛନ୍ତି । ରାଜ୍ୟରେ ବିଜେପି ସରକାର ଗଢ଼ିଲେ ପୁରୀ ଶ୍ରୀମନ୍ଦିରରେ ଚାରିଦ୍ୱାର ଖୋଲାଯିବା ସହ ରତ୍ନଭଣ୍ଡାର ଚାବି ଖୋଜି ବାହାର କରାଯାଇ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବ ବୋଲି ଶ୍ରୀ ଶାହା କହିଛନ୍ତି । ଏହି ସଂକଳ୍ପ ସମାବେଶରେ ଶ୍ରୀ ଶାହାଙ୍କ ସମେତ

କେନ୍ଦୁଝରର ସାଂସଦ ପ୍ରାର୍ଥୀ ଅନନ୍ତ ନାୟକ, ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ବିଧାୟକ ପ୍ରାର୍ଥୀ ଅଂଶଗ୍ରହଣ କରିଥିଲେ।

ନୟାଗଡ଼ ବ୍ଲକ ଲାଠିପଡ଼ା ଟାଙ୍ଗୀ ପଡ଼ିଆରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ବରିଷ୍ଠ ବିଜେପି ନେତା ଅମିତ ଶାହା ଉଦ୍‌ବୋଧନ ଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କରିଛନ୍ତି। ଓଡ଼ିଶାର ଗୌରବକୁ ପୁନଃ ସଂସ୍ଥାପିତ କରିବାର ଏହି ନିର୍ବାଚନ ବୋଲି ସେ କହିଛନ୍ତି। ରାଜ୍ୟରେ ବିଜେପି ସରକାର ଗଠନ କଲେ ୧୦ ଦିନ ମଧ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

ଢେଙ୍କାନାଳ ଲୋକସଭା କ୍ଷେତ୍ରର ପରଜଙ୍ଗ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପାଟଗାଁଠାରେ କେନ୍ଦ୍ର ଗୃହମନ୍ତ୍ରୀ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ରାଜ୍ୟରେ ବିଜେପି ସରକାର ଆସିଲେ ଜନସାଧାରଣ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏଥିସହିତ ରାଜ୍ୟରେ ଡବଲ ଇଞ୍ଜିନ୍ ସରକାର ଗଠନ ହେବ ବୋଲି ସେ କହିଛନ୍ତି। ଏହି ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ମୋଦୀ ଗ୍ୟାରେଣ୍ଟି ସହିତ ଚାଷୀଙ୍କ ପାଇଁ ଧାନ କୁଇଣ୍ଟାଲ ପିଛା ୩୧ଶହ ଟଙ୍କା, ଭିନ୍ନକ୍ଷମ ଭତ୍ତା ୩ ହଜାର ଟଙ୍କା, ମହିଳାଙ୍କୁ ଭାଉଚର କାର୍ଡ ପ୍ରଦାନ କରାଯିବା ସମ୍ପର୍କରେ କହିଥିଲେ।

ଆଜି ପୂର୍ବାହ୍ନରେ ସମ୍ବଲପୁରଠାରେ ମଧ୍ୟ ଅମିତ ଶାହା ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ଦେବା ପାଇଁ ଭୋଟରମାନଙ୍କୁ ନିବେଦନ କରିଥିଲେ। ଶ୍ରୀ ଶାହା କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାର ଆଦିବାସୀ ମହିଳାଙ୍କୁ ରାଷ୍ଟ୍ରପତି ଆସନରେ ବସାଇ ଓଡ଼ିଶାକୁ ସମ୍ମାନ ଦେଇଛନ୍ତି। ପାଇକ ବିଦ୍ରୋହକୁ ସମ୍ମାନ ଦେଇ ଡାକଟିକଟ ଜାରି କରିଛନ୍ତି।

***Desk***

## ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ

ରାଜ୍ୟର ତୃତୀୟ ପର୍ଯ୍ୟାୟ ଭୋଟ୍‌ଗ୍ରହଣ ଆସନ୍ତା ୨୫ ତାରିଖ ଶନିବାର ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ୬ଟି ଲୋକସଭା ଆସନ ଏବଂ ୧୦ଟି ଜିଲ୍ଲାର ୪୨ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାନ ହେବ। ଏହି ୬ଟି ଲୋକସଭା ଆସନ ଗୁଡ଼ିକ ହେଲା କେନ୍ଦୁଝର, ଢେଙ୍କାନାଳ, କଟକ, ଭୁବନେଶ୍ୱର, ପୁରୀ ଓ ସମ୍ବଲପୁର। ସେହିପରି ୧୦ଟି ଜିଲ୍ଲା ଖୋର୍ଦ୍ଧା, ନୟାଗଡ଼, କଟକ, ପୁରୀ, ଢେଙ୍କାନାଳ, ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର ଏବଂ ଦେବଗଡ଼ ଜିଲ୍ଲାର ୪୨ଟି ନିର୍ବାଚନମଣ୍ଡଳୀରେ ଭୋଟ୍‌ଗ୍ରହଣ କରାଯିବ। ପ୍ରାର୍ଥୀଗୁଡ଼ିକୁ ୭ ତାରିଖରେ ଯାଞ୍ଚ କରାଯାଇଥିଲା। ତୃତୀୟ ପର୍ଯ୍ୟାୟ ମତଦାନ ନିମନ୍ତେ ଆସନ୍ତା ଗୁରୁବାର ନିର୍ବାଚନ ପ୍ରଚାର ଶେଷ ହେଉଛି।

ଆଗାମୀ ତୃତୀୟ ଏବଂ ଚତୁର୍ଥ ପର୍ଯ୍ୟାୟ ନିମନ୍ତେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନିର୍ବାଚନ ପ୍ରଚାର ଜୋରଦାର୍ କରାଯାଇଛି। ଦଳୀୟ ନେତୃବୃନ୍ଦ ନିଜର ପ୍ରାର୍ଥୀମାନଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି।

***BBSR***

## ବିଧାୟକଙ୍କୁ ନୋଟିସ

ବିଜୁ ଜନତା ଦଳରୁ ଇସ୍ତଫା ଦେଇଥିବା ୪ ଜଣ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ ବିଧାନସଭା ପକ୍ଷରୁ ଜାରି କରାଯାଇଛି। ନିମାପଡ଼ା ବିଧାୟକ ସମୀର ଦାଶ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଓ ସୋର ବିଧାୟକ ପର୍ଶୁରାମ ଧଡ଼ାଙ୍କୁ ଜବାବ ତଲବ କରାଯାଇଛି। ଆସନ୍ତା ୨୭ ତାରିଖ ସୁଦ୍ଧା ଉତ୍ତର ଦେବାକୁ ସେମାନଙ୍କୁ ନୋଟିସ ଜାରି କରାଯାଇଛି।

ସୂଚନାଯୋଗ୍ୟ, ଏହି ୪ ଜଣ ବିଧାୟକ ଦଳ ବଦଳ ନିରୋଧୀ ଆଇନ ଉଲ୍ଲଙ୍ଘନ କରିଥିବା ନେଇ ସରକାରୀ ଦଳ ମୁଖ୍ୟ ସଚେତକ ବିଧାନସଭା ବାଚସ୍ପତିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ବାଚସ୍ପତିଙ୍କ ନିର୍ଦ୍ଦେଶକ୍ରମେ ବିଧାନସଭା ସଚିବ ଏହି ନୋଟିସ ଜାରି କରିଛନ୍ତି।

***Nuapada***

## କମ୍ବିଂ ଅପରେସନ୍

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ସୁନାବେଢ଼ା ଅଭୟାରଣ୍ୟ ଅନ୍ତର୍ଗତ ସୋସେଙ୍ଗା ଗ୍ରାମ ପଞ୍ଚାୟତର ଶିବନାରାୟଣପୁର ଠାରେ କମ୍ବିଂ ଅପରେସନ୍

ବେଳେ ବହୁ ପରିମାଣରେ ମାଓ ସାମଗ୍ରୀ ଜବତ କରାଯାଇଥିବା ଏସ୍.ପି. ଗୁଣ୍ଡଲା ରେଡ୍ଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ଗତକାଲି ଏସ୍.ଓ.ଜି. ଯବାନ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା ଏବଂ ପରେ ଏସ୍.ଓ.ଜି. ଯବାନଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ୍ ବେଳେ ମାଓ କ୍ୟାମ୍ପ ଠାବ କରାଯିବା ସହ ବିପୁଳ ପରିମାଣର ସାମଗ୍ରୀ ଜବତ କରାଯାଇଛି। ଆଜି ମଧ୍ୟ କମ୍ବିଂ ଅପରେସନ୍ ଜାରି ରହିଥିବା ଏସ୍.ପି. ସୂଚନା ଦେଇଛନ୍ତି।

***CTC***

## ହାଇକୋର୍ଟ-ଗ୍ରୀଷ୍ମ ଅବକାଶ

ଓଡ଼ିଶା ହାଇକୋର୍ଟର ଗ୍ରୀଷ୍ମକାଳୀନ ଛୁଟି ଆସନ୍ତାକାଲିଠାରୁ ଆରମ୍ଭ ହୋଇ ଜୁନ୍ ମାସ ୧୭ ତାରିଖ ପର୍ଯ୍ୟନ୍ତ ରହିବ । ଗ୍ରୀଷ୍ମ ଅବକାଶ ସମୟରେ ଚଳିତମାସ ୨୩, ୨୮, ୩୦ ତାରିଖ ଏବଂ ଜୁନ୍ ମାସ ୪, ୬, ୧୧ ଏବଂ ୧୨ ତାରିଖରେ ଅବକାଶକାଳୀନ ଖଣ୍ଡପୀଠ ବସିବ ବୋଲି ହାଇକୋର୍ଟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି । ଜରୁରୀ ମାମଲା ଗୁଡ଼ିକର ଶୁଣାଣି ପାଇଁ ଅବକାଶକାଳୀନ ଖଣ୍ଡପୀଠଙ୍କ ନିକଟରେ ମାମଲା ତାଲିକାଭୁକ୍ତ କରାଯାଇ ପାରିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି ।

***Kendrapara***

## ଯାଞ୍ଚ କାର୍ଯ୍ୟ ଶେଷ

ନିର୍ବାଚନ ଆୟୋଗ ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ାଠାରେ ପର୍ଯ୍ୟବେକ୍ଷକ ସମସ୍ତ ରାଜନୈତିକ ଦଳ ଏବଂ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଉପସ୍ଥିତିରେ ବାଲାଟ୍ ୟୁନିଟ୍, କଣ୍ଟ୍ରୋଲ ୟୁନିଟ୍ ଏବଂ ଭିଭିପାଟ୍‌ର ଦ୍ୱିତୀୟ ପର୍ଯ୍ୟାୟ ଯାଞ୍ଚ କାର୍ଯ୍ୟ ଶେଷ

ହୋଇଛି। ଜିଲ୍ଲା ନିର୍ବାଚନ ଅଧିକାରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରକ୍ରିୟା ସମୟରେ ସାଲେପୁର, ମାହାଙ୍ଗା, ପାଟକୁରା, କେନ୍ଦ୍ରାପଡ଼ା, ଆଳି, ରାଜନଗର ଓ ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ବୁଥ୍ ସହ ଅନଲାଇନ୍ ମାଧ୍ୟମରେ ସ୍ୱଚ୍ଛ, ନିରପେକ୍ଷ ଭାବରେ ସଂଯୋଗ କରାଯାଇଥିଲା।

*Puri (V)*

## ନିର୍ବାଚନ– ପୁରୀ

ରାଜ୍ୟର ତୃତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ପୁରୀ ଲୋକସଭା ଆସନ ଏବଂ ଏହି ଜିଲ୍ଲା ଅନ୍ତର୍ଗତ ୪ଟି ବିଧାନସଭା ଆସନ ପାଇଁ ଭୋଟ୍ ନିଆଯିବ।

ନିର୍ବାଚନ ସ୍ଥିତି ନେଇ ଆମ ସମ୍ବାଦଦାତା **ସୌମିତ୍ର ହରିଚନ୍ଦନ**ଙ୍କ ରିପୋର୍ଟ....

**- V/O -**

*Nabarangpur*

## ଭାରୋତ୍ତଳନ ପ୍ରଶିକ୍ଷଣ ଶିବିର

ନବରଙ୍ଗପୁର ଜିଲ୍ଲାର ଉମରକୋଟ ବିଜୁପଟ୍ଟନାୟକ ଷ୍ଟାଡିୟମ୍‌ଠାରେ ଆୟୋଜିତ ଦ୍ୱିତୀୟ ପର୍ଯ୍ୟାୟ ଭାରୋତ୍ତଳନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଚଳିତ ମାସ ୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିରରେ ଜିଲ୍ଲାର ୧୫୦ ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ। କୃତି

ପ୍ରତିଯୋଗୀମାନଙ୍କୁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ଠାରେ କୋଚିଂ ସହ ମାଗଣାରେ ପାଠପଢ଼ା ବ୍ୟବସ୍ଥା କରାଯିବ ।

***Angul***

## ହାତୀ ଆକ୍ରମଣ

ଅନୁଗୁଳ ଜିଲ୍ଲାର ତୁଳସୀପାଳ ଗ୍ରାମରେ ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଛି । ଘଟଣାସ୍ଥଳରେ ବନବିଭାଗ କର୍ମଚାରୀମାନେ ପହଁଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହ ତଦନ୍ତ କରିଛନ୍ତି ।

***Desk***

## ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା

ଚଳିତ ଆର୍ଥିକ ବର୍ଷରେ କୃଷିକ୍ଷେତ୍ର ଲାଗି ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି । କେବଳ ମୃତ୍ତିକା ପରୀକ୍ଷା ଏବଂ ମୃତ୍ତିକା ସ୍ୱାସ୍ଥ୍ୟରେ ଉନ୍ନତି ଲାଗି ୧୧୬ କୋଟି ୫୦ ଲକ୍ଷ ଟଙ୍କା ବିନିଯୋଗ କରାଯିବ । ଜାତୀୟ ଖାଦ୍ୟ ସୁରକ୍ଷା ମିଶନରେ ୧୧୯ କୋଟି ଟଙ୍କା ଖର୍ଚ୍ଚ କରାଯିବା ସହିତ କୃଷି ଜଙ୍ଗଲରେ ୪ କୋଟି ୫୭ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି କୃଷି ବିଭାଗର ଏକ ତଥ୍ୟରୁ ଜଣାପଡ଼ିଛି ।